ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪




**ଭୁବନେଶ୍ୱର, ୨୦୨୫, ଅଗଷ୍ଟ ୦୫**

# ପ୍ରାଣୀଙ୍କ ଠାରୁ ଡେଉଁଛି କି ରୋଗ ?:'ଜୁନୋଟିକ ଡିଜିଜେଜ୍'



ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ପ୍ରାଣୀ ମାନଙ୍କ ଠାରୁ ରୋଗ ସଂକ୍ରମିତ ହୁଏ ଏହା ଅନେକ ହୁଏତ ଜାଣି ନଥାନ୍ତି । କିନ୍ତୁ ଏ ସବୁ ଭିତରେ ସଂପ୍ରତି ଏକ ହାଇକୋର୍ଟଙ୍କ ରାୟ ଏ ଦିଗ ପାଇଁ ସମସ୍ତଙ୍କ ଭିତରେ ଏକ ସଚେତନତା ସୃଷ୍ଟି କରିଛି । ନିକଟରେ ମୁମ୍ବାଇ ହାଇକୋର୍ଟର ନ୍ୟାୟମୂର୍ତ୍ତି ଜଷ୍ଟିସ ଜି.ଏସ.କୁଲକର୍ଣ୍ଣୀ ଓ ଜଷ୍ଟିସ ଆରିଫଙ୍କ ଖଣ୍ଡପୀଠ ଏକ ମାମଲା ସଂପର୍କରେ ସୂଚୀତ ହେବାପରେ ତାଙ୍କ ରାୟରେ ଦର୍ଶାଇଛନ୍ତି ଯେ ପାରା ମାନଙ୍କୁ ଦାନା ଦେବା ସାର୍ବଜନୀକ ଉପଦ୍ରବ ସୃଷ୍ଟି କରିଥାଏ । କାରଣ ଏହା ଜନ ସ୍ୱାସ୍ଥ୍ୟ ସହ ଜଡ଼ିତ ଏବଂ ସବୁ ବୟସର ଲୋକମାନଙ୍କ ସ୍ୱାସ୍ଥ୍ୟ ପ୍ରତି ଏହା ବିପଦଜନକ । ଏଥିସହିତ ମାନ୍ୟବର ଖଣ୍ଡପୀଠ ପାରା ମାନଙ୍କୁ ଦାନା ଖୁଆଉଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ ମାମଲା ରୁଜୁ କରିବା ଲାଗି ମୁମ୍ବାଇ ନଗର ନିଗମକୁ ନିର୍ଦ୍ଦେଶ ଦେଇଛନ୍ତି । ଖଣ୍ଡପୀଠ ଏହା ଦର୍ଶାଇଛନ୍ତି ଯେ ପାରା ବା ଅନ୍ୟାନ୍ୟ ପଶୁପକ୍ଷୀଙ୍କୁ ବାହାର ସ୍ଥାନରେ ଖାଦ୍ୟ ଦେବା ଦ୍ୱାରା ଏହା ରୋଗ ବ୍ୟାପିପାରେ । ସର୍ବୋପରି ପାରାର ମଳ, ପର ଏବଂ ଶରୀରରୁ ବାହାରୁ ଥିବା ଧୂଳିକଣା ଆଦି ବା ପରଜୀବୀଙ୍କ ଜରିଆରେ ରୋଗ ମଣିଷଙ୍କୁ ସଂକ୍ରମିତ ହୋଇପାରେ । ଫଳରେ ମଣିଷ ଜୀବନ ବିପଦରେ ପଡ଼ିବାର ସମ୍ଭାବନା ରହିଛି ବୋଲି ଅଦାଲତ କହିବା ସହ କେହି ଏହି ନିର୍ଦ୍ଦେଶକୁ ଅବମାନନା କରି ପାରାଙ୍କୁ ଦାନା ଦେଲେ ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବା ଲାଗି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ନିପା ଭାଇରସ : ନିଭ ପାରାମିକ୍ସୋଭିରିଡ଼େ ଭୂତାଣୁ (ନିପା ଭାଇରସ) ସଂକ୍ରମଣ ଘାତକ ସାବ୍ୟସ୍ତ ହୋଇଛି । ଟେରୋପସ ଫ୍ରୁଟ ବ୍ୟାଟ ବାଦୁଡ଼ି ଓ ଘୁଷୁରିଙ୍କ ଦ୍ୱାରା ସଂକ୍ରମିତ ହେଉଥିବା ଏହି ରୋଗ ପ୍ରଥମେ ୧୯୯୮ ମସିହାରେ ମାଲେସିଆରେ ଚିହ୍ନଟ ହୋଇଥିଲା । ନିପା ଭାଇରସ ହେତୁ ଏନସେଫାଲାଇଟିସ ଓ ଶ୍ୱାସକ୍ରିୟାରେ ସମସ୍ୟା ସୃଷ୍ଟି ହୁଏ, ଯାହାଦ୍ୱାରା ମଣିଷର ମୃତ୍ୟୁ ବି ହୋଇଯାଏ । ୨୦୦୧ରୁ ୨୦୨୧ ମସିହା ଭିତରେ ପଶ୍ଚିମବଙ୍ଗ ଓ କେରଳରେ ଏହାର ପ୍ରାଦୁର୍ଭାବ ଦେଖାଯାଇଛି ଏବଂ ଅନେକେ ଏଥିରେ ପ୍ରାଣ ହରାଇଥିବାର ସୂଚନା ରହିଛି ।

ସ୍କ୍ରବ ଟାଇଫସ : ସ୍କ୍ରବ ଟାଇଫସ ପ୍ରାଣୀ ଶରୀରରେ ଥିବା ଭୂତାଣୁ ଓ ଜୀବାଣୁ ଦ୍ୱାରା ହୋଇଥାଏ । ଏହା ମଶା କିମ୍ବା ଟିକଙ୍କ ଭଳି କ୍ଷୁଦ୍ର ଜୀବଙ୍କ ମାଧ୍ୟମରେ ମାନବ ଶରୀରକୁ ଆସିଥାଏ । ସାଧାରଣତଃ ଜ୍ୱର, କାଶ, ବାନ୍ତି, ମୁଣ୍ଡବିନ୍ଧା, ଶ୍ୱାସକ୍ରିୟାରେ କଷ୍ଟ ଏହି ରୋଗର ଲକ୍ଷଣ । ପ୍ରାୟ ଏକ ତୃତୀୟାଂଶ ପ୍ରଭାବିତ ହୃଦରୋଗ, ବୃକକ୍, ଫୁସଫୁସ ଓ ଯକୃତଜନିତ ରୋଗରେ ପୀଡ଼ିତ ହୋଇଥାନ୍ତି । ପ୍ରତିବର୍ଷ ବିଶ୍ୱବ୍ୟାପୀ ପ୍ରାୟ ୧୦ଲକ୍ଷ ଲୋକ ଏଥିରେ ମୃତ୍ୟୁବରଣ କରୁଛନ୍ତି । ୨୦୨୩ରେ ସାରା ଦେଶ ଏହାର ସମ୍ମୁଖୀନ ହୋଇଥିଲା । ହିମାଚଳ ପ୍ରଦେଶ ଓ ଓଡ଼ିଶା ସବୁଠାରୁ ଅଧିକ ପ୍ରଭାବିତ ରାଜ୍ୟ ମଧ୍ୟରେ ଥିଲେ ।

ଆନ୍ଥ୍ରାକ୍ସ : ପ୍ରାଣୀଙ୍କ ଶରୀରରେ ଥିବା ବାସିଲସ ଆନ୍ଥ୍ରାସିସ୍ ବ୍ୟାକଟେରିଆ ମଣିଷ ଦେହକୁ ଆସିଲେ ଆନ୍ଥ୍ରାକ୍ସ ହୋଇଥାଏ । ଅସୁସ୍ଥ ଗୃହପାଳିତ ପ୍ରାଣୀଙ୍କ ଚର୍ମ ସହିତ ମଣିଷର ଚର୍ମ ସଂସ୍ପର୍ଶରେ ଆସିଲେ ସଂକ୍ରମଣ ହୋଇଥାଏ । ଏହାଦ୍ୱାରା ଚର୍ମରେ ଘା' ଓ କେତେକ କ୍ଷେତ୍ରରେ ଝାଡ଼ା, ବାନ୍ତି ଓ ଜ୍ୱର ବି ହୋଇଥାଏ । ଭାରତୀୟ କୃଷି ଗବେଷଣା ପରିଷଦର ଏକ ପୂର୍ବାନୁମାନ ଅନୁସାରେ ୨୦୨୫ରେ ଭାରତର ୭୩୬ଜିଲ୍ଲାରେ ଆନ୍ଥ୍ରାକ୍ସ କବଳିତ ହେବାର ଆଶଙ୍କା ରହିଛି । ଓଡ଼ିଶାର କୋରାପୁଟ, ରାୟଗଡ଼ା, ମାଲକାନାଗିରି, ସୁନ୍ଦରଗଡ଼ ପରି ଜିଲ୍ଲା ଆନ୍ଥ୍ରାକ୍ସ ପ୍ରବଣ ବୋଲି ସ୍ୱାସ୍ଥ୍ୟ ବିଭାଗ ରିପୋର୍ଟ ଦେଇଛି ।

ମଙ୍କି ଫିଭର : ୧୯୫୭ ମସିହାରେ ମଙ୍କ ଫିଭର ସଂକ୍ରମଣ କର୍ଣ୍ଣାଟକର କାଇସାନୁର ଜଙ୍ଗଲରୁ ପ୍ରଥମେ ଚିହ୍ନଟ ହୋଇଥିଲା । ଏହି ରୋଗ କାଇସାନୁର ଫରେଷ୍ଟ ଡିଜିଜ ଭାବେ ଜଣାଶୁଣା । ମାଙ୍କଡ଼ ମାନଙ୍କ ଶରୀରରେ ଥିବା ଏକ ପ୍ରକାର ଟିକଙ୍କ କାମୁଡ଼ିବା ଦ୍ୱାରା ଏହି ରୋଗ ଭୂତାଣୁ ମଣିଷକୁ ଆକ୍ରାନ୍ତ କରେ । ଏହି ଭୂତାଣୁ ଫ୍ଲାଭିଭିରଡ଼ା ଶ୍ରେଣୀର ଏବଂ ଗୋଟାଏ ଅସୁସ୍ଥ ମାଙ୍କଡ଼ ଦେହରେ ପ୍ରଥମେ ଚିହ୍ନଟ ହୋଇଥିଲା । ଭାରତରେ ପ୍ରତିବର୍ଷ ୪୦୦ରୁ ୫୦୦ ଲୋକ ଏହି ରୋଗରେ ଆକ୍ରାନ୍ତ ହେଉଥିବାବେଳେ ପ୍ରାୟ ୨୫ ଜଣଙ୍କର ମୃତ୍ୟୁ ହୋଇଥାଏ ବୋଲି ସୂଚନା ରହିଛି । ପ୍ରାଣୀଙ୍କ ଠାରୁ ସଂକ୍ରମିତ ରୋଗ ସମ୍ପର୍କରେ ଆଲୋଚନା କଲାବେଳେ ଆମେ ଭୟାବହ କରୋନା ମହାମାରୀ ପ୍ରସଙ୍ଗକୁ ଟିକେ ମନେ ପକାଇବା । ୨୦୧୯ରେ ଚୀନର ଉହାନ ସହରର ସି'ଫୁଡ଼ ମାର୍କେଟରେ ଯେଉଁ କୋଭିଡ଼ ଭୂତାଣୁର ପ୍ରଥମ ସଂକ୍ରମଣ ଚିହ୍ନଟ ହୋଇଥିଲା ତାହା ସମଗ୍ର ବିଶ୍ୱକୁ ଖେଳି ଯାଇଥିଲା । ବିଶ୍ୱ ବିଖ୍ୟାତ ପତ୍ରିକା 'ନେଚର'ର ସୂତ୍ର ଅନୁଯାୟୀ ଏହି କରୋନା ଭୂତାଣୁ ବାଦୁଡ଼ି ଠାରୁ କୌଣସି ମାଧ୍ୟମ ଦ୍ୱାରା ମଣିଷ ଶରୀରକୁ ଆସିଥିଲା । ତେବେ ପ୍ରାଣୀ ଶରୀରରେ ଥିବା ଜୀବାଣୁ କିମ୍ବା ଭୂତାଣୁ ଦ୍ୱାରା ମଣିଷର ସ୍ୱାସ୍ଥ୍ୟ ସଂକ୍ରମଣ ଶିକାର ହୋଇ ରୋଗଗ୍ରସ୍ତ ହେବା କିଛି ନୂଆ ନୁହେଁ । ମହାରାଷ୍ଟ୍ର ଓ ଗୁଜୁରାଟରେ ଭୟାବହ ପ୍ଲେଗ ମହାମାରୀ ମଧ୍ୟ ଏହି ରୋଗ ସଂକ୍ରମିତ କାରଣ ପାଇଁ ସଂଗଠିତ ହୋଇଥିଲା । ଆମ ଚିକିତ୍ସା ବିଜ୍ଞାନ ଭାଷାରେ ଏହାକୁ 'ଜୁନୋଟିକ୍ ଡିଜିଜେଜ୍' କୁହାଯାଇଥାଏ । ଏହା ଏକ ସ୍ୱାଭାବିକ କଥା କେବଳ ଓଡ଼ିଶାରେ ନୁହେଁ ସମାଜର ଚାରିଆଡ଼େ ପ୍ରାଣୀ ମାନଙ୍କ ସହ ପଶୁପକ୍ଷୀଙ୍କ ଏକ ପ୍ରକାର ଭାବଗତ, ସହାବସ୍ଥାନ ସମ୍ପର୍କ ରହିଛି । ତେଣୁ ସେମାନଙ୍କ ଠାରୁ ରୋଗ ସଂକ୍ରମିତ ହେବା କିଛି ଅସ୍ୱାଭାବିକତା ନୁହେଁ ।

ବର୍ତ୍ତମାନ ଦେଖାଯାଉଛି ବିଭିନ୍ନ ଜୁନୋଟିକ ଡିଜିଜର ସଂକ୍ରମଣ ବଢ଼ିଛି । ଭାରତରେ ସ୍କ୍ରବଟାଇଫସ ଠାରୁ ନିପା ସଂକ୍ରମଣ, ଆନ୍ଥ୍ରାକ୍ସ ଠାରୁ ଲାଇନ ଡିଜିଜ, କ୍ରୁଜଫେଲଡ଼ ଜାକୋବ ଡିଜିଜ ଠାରୁ ଫଙ୍ଗଲ ଡିଜିଜ ଯାହାକୁ ଜୋକ୍ସିଡିଓସିସ୍, ହିସଟୋପ୍ଲାଜମୋସିସ୍, ମେନିନଜାଇଟିସ୍ ଭଳି ରୋଗର ସଂକ୍ରମଣରେ ଆମ୍ଭେମାନେ ଶିକାର ହେଉଛୁ । ଏ କ୍ଷେତ୍ରରେ ସଂକ୍ରମିତ ଜଣଙ୍କ ପ୍ରାଥମିକ ପ୍ରଭାବ, ପ୍ରତିକ୍ରିୟା ଓ ଲକ୍ଷଣକୁ ଦେଖି ତୁରନ୍ତ ଚିକିତ୍ସା କରିବା ଜରୁରୀ । ତେବେ ଅନେକ ହୁଏତ ଜାଣିନାହାଁନ୍ତି ଏ ସବୁ ରୋଗ ବିଶେଷକରି ଶରୀରର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ କୁହାଯାଉଥିବା ଲିଭର ଓ ପେଟକୁ ସଂକ୍ରମିତ କରିଥାଏ । ଭୋକ ନହେବା, ଖାଦ୍ୟ ପ୍ରତି ଅରୁଚି, ଅସ୍ୱାଭାବିକ ବାନ୍ତି, ପେଟ ଟାଣିବା ପରି ବିଭିନ୍ନ ଲିଭର ସମ୍ବନ୍ଧୀୟ ଯନ୍ତ୍ରଣା ଓ ପରିପାର୍ଶ୍ୱିକ ପ୍ରତିକ୍ରିୟା ସୃଷ୍ଟି କରିଥାଏ । ଯେଉଁମାନେ ନିଶାଦ୍ରବ୍ୟ ସେବନ କରୁଥାନ୍ତି କିମ୍ବା ମଦ୍ୟପାନ କରୁଥାନ୍ତି ସେମାନେ ଏହି ଜୁନୋଟିକ ଡିଜିଜେଜର ସହଜ ଶିକାର ହୋଇଥାନ୍ତି । ତେବେ ସବୁଠାରୁ ବଡ଼ କଥା ହେଉଛି ଜଣେ ଏକ୍ଷେତ୍ରରେ ସଂକ୍ରମିତ ହେବାପରେ ପ୍ରାଥମିକ ଭାବେ ଏହାକୁ ହାଲକା ଭାବେ ଗ୍ରହଣ କରିଥାନ୍ତି ଯାହାଦ୍ୱାରା ଚିକିତ୍ସା ପାଇଁ ଡାକ୍ତରୀ ପରାମର୍ଶ ନେଲାବେଳକୁ ଏହା ବହୁତ ବିଳମ୍ବ ହୋଇଯାଇଥାଏ । ତେଣୁ ଏ କ୍ଷେତ୍ରରେ ତୁରନ୍ତ ଲିଭର ବିଶେଷଜ୍ଞ ଓ ମେଡ଼ିସିନ ବିଶେଷଜ୍ଞଙ୍କ ପରାମର୍ଶ ନେବା ଜରୁରୀ । ବାହାର ଖାଦ୍ୟ ପ୍ରତି ଆଗ୍ରହ ନରଖିବା ଭଲ । ଘରୋଇ ଖାଦ୍ୟ, ସୁଷମ ଖାଦ୍ୟ, ନିରାମିଷ ଖାଦ୍ୟ ଓ ବିଶୁଦ୍ଧ ଫୁଟାପାଣି ଆପଣଙ୍କ ପାଇଁ ସବୁଠାରୁ ଭଲ । ଘରେ ବା ବାହାରେ କୌଣସି ପଶୁପକ୍ଷୀଙ୍କୁ ଖାଦ୍ୟ ଦେଉଥିଲେ ପ୍ରଥମତଃ ତାଙ୍କ ଖାଦ୍ୟ ଯେପରି ପରିଷ୍କାର ଓ ଖାଦ୍ୟଉପଯୋଗୀ ଏ ଦିଗକୁ ଅଣଦେଖା କରନ୍ତୁ ନାହିଁ । ସେମାନଙ୍କୁ ଖାଦ୍ୟ ଦେଉଥିବା ସ୍ଥାନ ମଧ୍ୟ ପରିଷ୍କାର ପରିଚ୍ଛନ୍ନ ହେବା ଜରୁରୀ । ସେମାନଙ୍କୁ ଖାଦ୍ୟ ଦେବା ପରେ ଆପଣ ଭଲ ଭାବେ ନିଜକୁ ସଫାସୁତୁରା ରଖନ୍ତୁ । ଆପଣ କୌଣସି କ୍ଷେତ୍ରରେ ଜୁନୋଟିକ୍ ଡିଜିଜରେ ସଂକ୍ରମିତ ହେଲେ ଏ ନେଇ ଭୟଭୀତ ନ ହୋଇ ସର୍ବପ୍ରଥମେ ସରକାରୀ ଡାକ୍ତରଖାନାର ସୁଯୋଗ ନିଅନ୍ତୁ । ଧୈର୍ଯ୍ୟହରା ହୁଅନ୍ତୁ ନାହିଁ ଏବଂ ଚିକିତ୍ସକଙ୍କ ଉପରେ ବିଶ୍ୱାସ ରଖିବା ସହ ନିଜ ଇଷ୍ଟଙ୍କୁ ସ୍ମରଣ କରି ଚିକିତ୍ସା ଜାରି ରଖିଲେ ଜୁନୋଟିକ ଡିଜିଜ ଆପଣଙ୍କ ପାଇଁ ଘାତକ ସାବ୍ୟସ୍ତ ହେବନାହିଁ ।

ଅବସରପ୍ରାପ୍ତ ପ୍ରଫେସର,
ହେପାଟୋଲୋଜି ବିଭାଗ,
ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ,
କଟକ,
ଦୂରଭାଷ : ୯୪୩୭୦୫୧୯୫୭

# ବାତାବରଣର ପ୍ରଭାବ ରେ ଆଜିର ସମାଜ



ଉମାଶଙ୍କର ପ୍ରସାଦ

ଆଜି ଆମ ଦେଶ ତଥା ରାଜ୍ୟ ତଳୁ ଉପରଯାଏ ଦୁର୍ନୀତି, ବ୍ୟଭିଚାର, ପ୍ରତାରଣର ଜାଲରେ ଛନ୍ଦି ହୋଇଯାଇଛି । ଏକ ପକ୍ଷରେ ନୀତିବାନ ସୁପୁରୁଷ ଏବଂ ଅନ୍ୟ ପକ୍ଷରେ ସମାଜର ଶଠ ରାଜନେତା, ଲାଂଚୁଆ ପ୍ରଶାସକ, କଳାବଜାରୀ, ଦୁର୍ନୀତି ଗ୍ରସ୍ତ ଅମଣିଷ ଗୁଡାକ ସମାଜକୁ କଳୁଷିତ କରିବାରେ ଲାଗିଛନ୍ତି । ଫଳରେ ସମାଜକୁ ପ୍ରତାରଣା, ହିଂସା, ସ୍ୱାର୍ଥପରତା ଆଜି କବଳିତ କରିଛି । ଫଳରେ ସମାଜର ବାତାବରଣ ଦିନକୁ ଦିନ ନିମ୍ନଗାମୀ ହେବାରେ ଲାଗିଛି । ଉପରୋକ୍ତ ଶିରୋନାମାକୁ ନେଇ କାହାଣୀଟିଏ ମନେପଡେ । ଅନେକ ଦିନ ତଳର କଥା । ବାପ ଛେଉଣ୍ଡ ପିଲାଟି ନାଁ ତାର ରାମୁ । ନିଜର ଭାଇ ଭଉଣୀ ବୋଲି କେହି ନଥିଲେ । ନିଜର ଘର ଏବଂ ଘର ଡିହ ଖଣ୍ଡକୁ କୁ ଛାଡି ଦେଲେ ରାମୁର ଗାଁ ବାହାରେ ମାଣେ ବୋଲି ଜମି । ମାଟି ଅତ୍ୟନ୍ତ ଉର୍ବର । ରାମୁ ଥିଲା ଅତ୍ୟନ୍ତ ପରିଶ୍ରମୀ । ସେହି ଜମିରେ ରାମୁ ନିଯେ ଅକ୍ଳାନ୍ତ ପରିଶ୍ରମ କରି ଭଲ ଫସଲ ଓ ପନି ପରିବା ଉପୁଯାଉ ଥାଏ । ନିଜର ଉ□ମ ସ୍ୱଭାବ ଯୋଗୁ ତାଙ୍କୁ ସମସ୍ତେ ଭଲପାନ୍ତି ଓ ସାହାଯ୍ୟ ସହଯୋଗ କରୁଥାନ୍ତି । ତା ଜମିର ଗୋଟିଏ କୋଣରେ ଥିଲା ଝଙ୍କା ବରଗଛ । ଦିନେ ଜମିରେ କାମ ଦାମ ଶେଷ କରି ରାମୁ ଗଛଟି ମୂଳରେ ବିଶ୍ରାମ କରୁଥାଏ ।

ହଠାତ୍ ତା କାନକୁ ଘୋଡାର ଟାପୁ ଶବ୍ଦ ଶୁଭାଗଲା । ସେ ଦେଖିଲା ଘୋଡା ଚଢି ରାଜାଙ୍କ ରଟୁଆଳ ଉଚ୍ଚକଣ୍ଠରେ ରାଜାଙ୍କ ବାର୍ତ୍ତା ଘୋଷଣା କରି କରି ଯାଉଛି । ରାମୁ କାନ ଡେରି ଶୁଣିଲା ମାତ୍ର ତାକୁ କିଛିସ୍ପଷ୍ଟ ନଶୁଣିବାରୁ ସେ ଚିତ୍କାର କରି କହିଲା ' ହେ ରଟୁଆଳ ଭାଇ ! ମୋତେ ଟିକେ ବିସ୍ତାରି କୁହ କ'ଣ ନୂଆ କଥା ମହାରାଜାଙ୍କର କହୁଛ । ରଟୁଆଳ ଘୋଡା ଅଟକାଇ ରାମୁକୁ ଯାହା ବୁଝାଇ କହିଲା ତା'ର ଅର୍ଥ ନିମ୍ନ ପ୍ରକାର:- ' ରାଜା କାଲି ରାତିରେ ଗୋଟିଏ ବିଚିତ୍ର ସ୍ୱପ୍ନ ଦେଖିଛନ୍ତି ଯାହା ହେଲା । ସେ ବସିଛନ୍ତି ସିଂହାସନରେ । ହଠାତ୍ କେଉଁଠାରୁ କେଜାଣି ପଶିଆସିଲା ଗୋଟିଏ ଶୃଗାଳ । ତାର ଆଖି ଦୁଇଟା ଭୟଙ୍କର ଜଳ'। ଅଗ୍ନି ପିଣ୍ଡୁଳା ପରି ଲାଲ । ସେ ସିହାସନ ଚାରିପଟେ ବାରମ୍ବାର ଚକ୍କର କାଟି ରାଜାଙ୍କ ଉପରକୁ କୁଦି ପଡିବାକୁ ଚେଷ୍ଟା କରୁଥାଏ । କିନ୍ତୁ ରାଜା ଜାଗତିଆର୍ ରହି ତାଙ୍କ ରାଜଦଣ୍ଡ ଯୋଗେ ତାକୁ ଘଉଡାଉଥାନ୍ତି । କିନ୍ତୁ ପରେ ସେହି ଧୂର୍ତ୍ତ ଶୃଗାଳ ଖୁବ ଜୋରରେ ଲମ୍ଫ ଦିଅନ୍ତେ ରାଜା ସିଂହାସନ ଛାଡି ଉଠିପଡିଲେ । ସେହି ସମୟରେ ତାଙ୍କର ସ୍ୱପ୍ନ ଭାଙ୍ଗିଗଲା; ନିଦ ତୁଟିଗଲା । ରାଜା ଉଠିବସି ଏ ସ୍ୱପ୍ନର ଅର୍ଥ କ'ଣ ହୋଇପାରେ, ସେ ବିଷୟରେ ଅନେକ ଚିନ୍ତା କଲେ । କିନ୍ତୁ ସେ ତାର କିଛି କୂଳ କିନାରା ପାଇଲେ ନାହିଁ । ସକାଳୁ ସକାଳୁ ନିଜ ଦରବାରରେ ପହଁଚି ନିଜର ପାତ୍ର, ମିତ୍ର, ମନ୍ତ୍ରୀ ମାନଙ୍କୁ ଏ ସ୍ୱପ୍ନ କ'ଣ ସୂଚାଉଛି ସେ ସମ୍ପର୍କରେ ପ୍ରଶ୍ନ କଲେ । କିନ୍ତୁ ସେମାନଙ୍କ ପ୍ରଦତ୍ତ ଉତ୍ତର ତାଙ୍କ ମନକୁ ପାଇଲା ନାହିଁ । ତେଣୁ ନିଜର ରଟୁଆଳ ଜରିଆରେ ସାରା ରାଇଜରେ ଏହି ସ୍ୱପ୍ନର ଯଥାର୍ଥ ବାଖ୍ୟା ଦେଇପାରିବ ବ୍ୟକ୍ତିକୁ ଏକ ଶତ ସ୍ୱର୍ଣ୍ଣମୁଦ୍ରା ପୁରସ୍କାର ପ୍ରଦାନ କରାଯିବ । ରଟୁଆଳ ଘୋଡା ଝପଟାଇ ଚାଲିଗଲା ପରେ ରାମୁ ଦୀର୍ଘ ନିଃଶ୍ୱାସ ଛାଡି ନିଜକୁ ନିଜେ କହିଲା ବାପରେ ଶହେ ସ୍ୱର୍ଣ୍ଣମୁଦ୍ରା ! ରାଜାଙ୍କ ସ୍ୱପ୍ନର ରହସ୍ୟ ମୁଁ ହେଲେ ଜାଣି ଥାନ୍ତି ! ମୋତେ ଆଉ ସାରା ଜୀବନ ଏତେ ପରିଶ୍ରମ କରିବାକୁ ପଡନ୍ତାନି । ଅଧିକ ଜମି କିଣି ମଜୁରିଆ ଲଗାଇ ଚାଷ କରି କୋଠା ବାଡି ବନାଇ ଆରାମରେ ରହନ୍ତି । ' ତମେ ରାଜାଙ୍କ ସ୍ୱପ୍ନର ରହସ୍ୟ ଜାଣିବାକୁ ଚାହଁ ?' ହଠାତ୍ କିଏ ରାମୁକୁ ପଚାରିଲା । ଚାରିଦିଗ ନିର୍ଜନ । ନିଜ ନିଜ କ୍ଷେତରେ କାମ ଦାମ ସାରି ଯିଏ ଯେ ଯାହାର ଘରକୁ ଫେରିଲେଣି । ତେବେ ଏ ପ୍ରଶ୍ନ କଲା କିଏ ? ପୁଣି ଏତେ ମଧୁର କଣ୍ଠରେ ! ରାମୁ କାବା ହୋଇ ଚାରିଆଡେ ଆଖି ବୁଲାଇଲା କିନ୍ତୁ କେହି କୁଆଡେ ନାହାଁନ୍ତି । 'ମୁଁ ପରା ତୁମ ମୁଣ୍ଡ ଉପରେ ! ଏଣେ ତେଣେ କୁଆଡେ ଅନାଉଛ ?' ରାମୁ ଆହୁରି ଆଶ୍ଚର୍ଯ୍ୟ ହୋଇ ଉପରକୁ ଅନାଇଲା । ତା ମୁଣ୍ଡଠୁ କିଛି ଉପରେ ବସିଛି ସୁନ୍ଦର ପକ୍ଷୀଟିଏ । ତାର ପକ୍ଷ ଓ ଥ□ରେ ରହିଛି ସାତ ରଙ୍ଗର ଚହଟ । ରାମୁ ବୁଝିଗଲା କଥା କହୁଛି ଏହି ସୁନ୍ଦର ପକ୍ଷୀଟି । ରାମୁ ସେହି ଦେବତୁଲ୍ୟ ପକ୍ଷୀକୁ ପ୍ରଣତି ଜଣାଇ କହିଲା ହେ 'ପକ୍ଷୀ ଭାଇ ତୁମେ ଯଦି ରାଜାଙ୍କ ସ୍ୱପ୍ନ ରହସ୍ୟ ଜାଣିଛ, ମୋତେ ଦୟା ପରବଶ ହୋଇ କହିଲେ ମୋର ଦୁଃଖ ଯିବ ! ' ହଁ କହିଦେବି ମାତ୍ର ଗୋଟିଏ ସ□ରେ । ତୁମେ ରାଜାଙ୍କ ଘୋଷିତ ପୁରସ୍କାର ରାଶିର ଅଧା ମୋତେ ଦେଇଦେବ । ଏଥିରେ ରାଜିତ ?' ନିଶ୍ଚୟ ନିଶ୍ଚୟ ! ଏତକ କହି ରାମୁ ଅପେକ୍ଷା କଲା ପକ୍ଷୀର ଉତରକୁ । 'ଶୁଣ ତେବେ, କହିଲା ପକ୍ଷୀ, ସ୍ୱପ୍ନରେ ରାଜା ଦେଖିଥିବା ଶୃଗାଳ ହେଲା ପ୍ରତାରଣାର ପ୍ରତୀକ । କିନ୍ତୁ ପ୍ରକୃତରେ ଶୃଗାଳକୁ ପ୍ରତାରଣା କ'ଣ ଜଣା ନାହିଁ । କିନ୍ତୁ ମଣିଷର କଳ୍ପନା ଅନୁସାରେ ରାଜାଙ୍କ ସ୍ୱପ୍ନରେ ଶୃଗାଳ ସେଇ ପ୍ରତାରଣାର ପ୍ରତୀକ ବୁଝାଉଛି । ସିଂହାସନ ରାଜ୍ୟର ପ୍ରତୀକ । ସିଂହାସନ ଚାରିପାଖରେ ଶୃଗାଳ ଚକର ମାରିବାର ଅର୍ଥ ରାଜ୍ୟର ବାତାବରଣ ବ□ମାନ ଛଳନା ଓ ପ୍ରତାରଣାରେ ବିଷାକ୍ତ । ଶୃଗାଳ ରାଜାଙ୍କ ଉପରକୁ ଲମ୍ଫ ମାରିବାର ଅର୍ଥ ରାଜ୍ୟର ତୁଙ୍ଗ ଶାସନ କଳକୁ ମଧ୍ୟ ପ୍ରତାରଣାର ସୈତାନ-କବଳିତ କରିବାକୁ ଚାହେଁ । ରାଜାଙ୍କୁ କହିଦିଅ ସେ ଯେପରି ସତର୍କ ରହିବେ' । ଏତକ କହି ପକ୍ଷୀଟି ଉଡିଗଲା ଗଛର ଉପର ଡାଳକୁ । ରାମୁ ପକ୍ଷୀଟିକୁ ଧନ୍ୟବାଦ ଦେଇ ଘରକୁ ଫେରିଲା ।

ସକାଳୁ ସକାଳୁ ରାମୁ ବାହାରି ପଡିଲା ରାଜଧାନୀ ଅଭିମୁଖେ । ଦୁଇ ପହର ସରିକି ସେ ରାଜ ନଅରରେ ପହଂଚିଲା । ରାଜା ସ୍ନାନ ଶେଷ କରି ପୂଜା କରବାକୁ ଉଦ୍ୟତ ହେଉଛନ୍ତି, ହଠାତ ତାଙ୍କ ପରିଚାରକ ତାଙ୍କୁ କହିଲେ ଛାମୁ ରାମୁ ନାମକ ଚଷା ପୁଅଟିଏ ଦୂର ଗାଆଁରୁ ଆସିଛି ଏବଂ ଆପଣଙ୍କ ସ୍ୱପ୍ନର ରହସ୍ୟ କହିଦେବ ବୋଲି କହୁଛି ! ରାଜା ଅତି ଆନନ୍ଦରେ ରାମୁକୁ ନିଜ ପାଖକୁ ଆସିବା ପାଇଁ ନିର୍ଦ୍ଦେଷ ଦେଲେ । ରାମୁ ରାଜାଙ୍କ ପାଖରେ ପହଂଚି ନିଜର ପ୍ରଣତି ଜଣାଇ ପକ୍ଷୀଠୁ ଶୁଣିଥିବା ସ୍ୱପ୍ନର ରହସ୍ୟ କହନ୍ତେ ରାଜା ଅତ୍ୟ' ଖୁସୀ ହେବା ସହ ରାମୁକୁ ପାଟଲୁଗା, ସୁଖାଦ୍ୟମାନ ପରଶି ଦିଆଗଲା ଏବଂ ରାଜାଙ୍କ ଆଦେଶ ମୁତାବକ ଶହେ ସ୍ୱର୍ଣ୍ଣ ମୁଦ୍ରା ଦିଆଗଲା । ରାମୁ ମନ ଆନନ୍ଦରେ ନଅର ଛାଡି ଗାଁ ମୁଣ୍ଡରେ ପହଂଚିଲା ବେଳକୁ ବେଳ ରତରତ । ହେଇଟି ଆଗରେ ତା କ୍ଷେତ କଡରେ ଦେଖା ଯାଉଛି ସେହି ବରଗଛ ଟି ଯେଉଁଥିରେ ସେ ପକ୍ଷୀଟି ରହୁଛି । ପକ୍ଷୀ ତାକୁ ଅପେକ୍ଷା କରିଥିବ । କିନ୍ତୁ ବର୍ତ୍ତମାନ ସ□ ମୁତାବକ ପକ୍ଷୀକୁ ପୁରସ୍କାର ରାଶିର ଅଧା ଦେବାକୁ ପଡିବ ଭାବି ରାମୁ ଉଦାସ ହୋଇଗଲା । ତେଣୁ ସେ ବାଟ ଭାଙ୍ଗି ଗାଁରେ ପଶିଲା । ପରଦିନ ସେ ନିଯେ ଆଉ କ୍ଷେତକୁ ନଯାଇ ମୂଲିଆ ଲଗାଇ ଫସଲ କଲା । ଅଧିକା ଜମି କିଣିଲା । ନିଜର ମାଟିଘରକୁ କୋଠା କଲା । ଶହେ ସ୍ୱର୍ଣ୍ଣ ମୁଦ୍ରା କିଛି କମ୍ କଥା ନୁହେଁ । ବିଭା ହେଲା ଏବଂ ନିଜ ଗ୍ରାମର ସବୁଠୁ ପ୍ରଭାବଶାଳୀ ବ୍ୟକ୍ତି ବୋଲାଇଲା । କିନ୍ତୁ ପକ୍ଷୀ କଥାକୁ ସେ ପାଶୋରି ଦେଲା । ଏଇ ଭିତରେ ପାଂଚ ବର୍ଷ ବିତିଗଲା । ଦିନେ ଘୋଡା ଝପଟାଇ ରାଜାଙ୍କ ସେନାପତି ଆସି ରାମୁ ଘର ଆଗରେ ପହ□ଗଲେ । ରାମୁ ବାହାରି ଆସି ତାଙ୍କୁ ଜୁହାର କଲା । ସେନାପତି କହିଲେ ' ବାବୁ ତମେ ମୋ ପଛରେ ବସ, ରାଜା ଆଉ ଏକ ରହସ୍ୟ ମୟ ସ୍ୱପ୍ନ ଦେଖିଛନ୍ତି, ଚାଲ ବାଖ୍ୟାକରି ତୁମର ପୁରସ୍କାର ଧରି ଚାଲି ଆସିବ । ରାମୁ ଛାତିରେ ଛାନିଆ ପଶିଲା ସିଏ କେଉଁ ପଣ୍ଡିତ ଯେ ସ୍ୱପ୍ନର ବାଖ୍ୟା କରିବ ? ବଡ ମିନତି ଭରା କଣ୍ଠରେ କହିଲା, 'ସେନାପତି ହଜୁର ! ଛାମୁଙ୍କୁ କହିବେ , ମୁଁ ସ୍ୱପ୍ନର ବାଖ୍ୟା କରିବା ଛାଡିଦେଲିଣି' । ସେନାପତି ଅତି ଉଚ୍ଚାଗଳାରେ କହିଲେ ବାବୁ ଯଦି ଛାଡି ଦେଇଛ ତେବେ ଆଉଥରେ ତାକୁ ଧର ନଚେତ ତୁମ ବଦଳରେ ତୁମ ମୁଣ୍ଡଟିକୁ ନେଇ ମୋତେ ଯିବାକୁ ପଡିବ ଏହା ରାଜା ଆଜ୍ଞା । ରାମୁ କାନ୍ଦ କାନ୍ଦ ହୋଇ କହିଲା ସ୍ୱପ୍ନ ଟି କ'ଣ ମୋତେ କହି ଦିଅନ୍ତୁ ମୁଁ ଆଜି ରାତିରେ ତାର ରହସ୍ୟ ବିଷୟରେ ଭାବି କାଲି ରାଜ ଦରବାରରେ ହାଜର ହେବି । ସେନାପତି ରାଜାଙ୍କ ସ୍ୱପ୍ନ ବିବରଣୀ ଦେଇ ରାଜ ନଅରକୁ ପ୍ରତ୍ୟାବ□ନ କଲେ । ମୁହଁ ସବେଳେ ରାମୁ ଯାଇ ସେହି ଗଛ ମୂଳରେ ପହଂଚି ଅତି କାକୁତି ମିନତୀ ହୋଇ ପକ୍ଷୀକୁ ଡାକିଲା ଏବଂ ନିଜର କର୍ମ ପାଇଁ କ୍ଷମା ମାଗିଥିଲା । ତାର ବ୍ୟାକୁଳତା ଦେଖି ପକ୍ଷୀଟି କହିଲା ସ୍ୱପ୍ନଟି ମୋତେ କୁହ କିନ୍ତୁ ମୋର ସେହି ପୂର୍ବ ସର୍ତ୍ତ ଯଦି ମାନିବ ତେବେ କହିବି । ଏଥର ନିଶ୍ଚୟ ଦେବି , ରାମୁ ଏକ ଦୀର୍ଘ ନିଶ୍ୱାସ ଦେଇ ସ୍ୱପ୍ନଟି କହିଥିଲା ' ଗୋଟିଏ ଧାରୁଆ ତରବାରୀ ରାଜାଙ୍କ ମୁଣ୍ଡ ଉପରେ ଥାଇ ଚକ୍କର ମାରୁଛି । କେତେବେଳେ କାଳେ ତାହା ତାଙ୍କ ମୁଣ୍ଡ ପାଖକୁ ଖସି ଆସିବ, ଏଇ ଡରରେ ରାଜା ପାଟି କରିବା ମାତ୍ରେ ସ୍ୱପ୍ନ ଭାଙ୍ଗିଗଲା । ପକ୍ଷୀ କହିଲା 'ତରବାରୀ ହିଂସାର ପ୍ରତୀକ । ବ□ମାନ ରାଜ୍ୟର ବାତାବରଣ ଅତ୍ୟ' ହିଂସା ଭାବରେ ପରିବ୍ୟାପ୍ତ । ରାଜାଙ୍କୁ କହିବ ସେ ସତର୍କ ରହିବେ ।' ରାମୁ ତୁରନ୍ତ ରାଜ ନଅରକୁ ଯାଇ ରାଜାଙ୍କୁ ତାଙ୍କ ସ୍ୱପ୍ନର ରହସ୍ୟ ବତାଇବା ସହ ରାଜାଙ୍କଠୁ ଦୁଇଶହ ସ୍ୱର୍ଣ୍ଣ ମୁଦ୍ରା ନେଇ ଗ୍ରାମକୁ ଫେରବା ସମୟରେ ମନରେ ପକ୍ଷୀକୁ ହତ୍ୟା କରିଦେଲେ ଆଉ ତାକୁ ଉପହାର ରାଶିର ଭାଗ ଦେବାକୁ ପଡିବନି ଭାବି ସେ ନିଜ ଚାବୁକଟିକୁ ଅତି ବାଗେଇ ଧରି ଗଛ ପାଖକୁ ଆସିଲା । ପକ୍ଷୀ ତାକୁ ଦେଖି ତଳ ଡାଳକୁ ଆସିବା ମାତ୍ରେ ରାମୁ ଚାବୁକରେ ମାରିଲା ଛାଟ, ବାଜି ଥିଲେ ପକ୍ଷୀର ମୃତ୍ୟୁ ହୋଇଥା'। ମାତ୍ର ସେ ଅଳ୍ପକେ ବ□ଯାଇ ଉପର ଡାଳକୁ ଉଡିଗଲା । ରାମୁ ହତାଶ ହୋଇ ଘରକୁ ଫେରିଲା କାଳେ ପକ୍ଷୀ ରାଜାଙ୍କୁ ଏ କଥା କହିଦେବ ତେଣୁ ତାକୁ ଭୟର ଆତଙ୍କ ଘାରୁଥିଲା । ଏଇ ମଧ୍ୟରେ ପା□ ବର୍ଷ ବିତିଗଲା । ପୁନର୍ବାର ଦିନେ ହଠାତ୍ ସେନାପତି ଆସି ରାମୁ ପାଖରେ ହାଜର ! ତାଙ୍କୁ ଦେଖି ରାମୁ ଦେହରୁ ଗମ ଗମ ଝାଳ ବୋହିବାକୁ ଲାଗିଲା । ସେ ହାତ ଯୋଡି ଠିଆ ହୋଇଥାଏ । ସେନାପତି କହିଲେ ରାମୁ ଆମ ମହାରାଜା ଆଉ ଏକ ସ୍ୱପ୍ନ ଦେଖିଛନ୍ତି ଯାହା ହେଲା ରାଜା ତାଙ୍କ ସିଂହାସନରେ ବସିଛନ୍ତି ହଠାତ ଏକ ସୁନ୍ଦର ଧଳା କପୋତ ଟି ଆସି ତାଙ୍କ କୋଳରେ ବସିଗଲା । ରାଜା ଅତି ଆନନ୍ଦରେ ତାକୁ ଆଉଁସି ଦେଲେ । ପରେ ତାଙ୍କର ନିଦ ଭାଙ୍ଗିଗଲା । ଏହାର ରହସ୍ୟ ରାଜାଙ୍କୁ ବୁଝାଇ ଦେଇ ଆସିବ । ହଜୁର କହି ଓଳିକି ହୋଇଥିଲା ରାମୁ । ତା ପରେ ସେନାପତି ରାଜ ଉଆସକୁ ଫେରିଗଲେ ମାତ୍ର ରାମୁର ମନ ବିବ୍ରତ କେଉଁ ମୁହଁ ନେଇ ସେ ପକ୍ଷୀଟି ପାଖକୁ ଯିବ ? ତଥାପି ମୁହଁ ସ ବେଳକୁ କାନ୍ଦ କାନ୍ଦ ହୋଇ ପକ୍ଷୀ ରହୁଥିବା ସେହି ଗଛ ପାଖରେ ଅତି ସନ୍ତର୍ପଣରେ ଠିଆ ହେଲା । ' କ'ଣ ହେଲା ? ପୁଣି ସ୍ୱପ୍ନ? କୋମଳ କଣ୍ଠରେ ଆସିଥିଲା ପ୍ରଶ୍ନ । ' ହେ ପକ୍ଷୀ ଭାଇ, ତୁମେ ମୋ ପ୍ରାଣ ରଖିଲେ ରଖିବ; କିନ୍ତୁ ମୋର ସେ ମୁହଁ ନାହିଁ ତୁମକୁ ମିନତୀ କରିବାକୁ । ପକ୍ଷୀ ପଚାରିଲା ସ୍ୱପ୍ନ ଟି କୁହ ! ରାମୁ କୋହ ଚାପି ରଖି ପ୍ରଶ୍ନଟି କହିଥିଲା । ମୁଁ ଏହାର ରହସ୍ୟ କହିଦେବି ମାତ୍ର ତୁମ ପୁରସ୍କାର ର ଅଧା ମୋତେ ଦେବ ତ ? 'ଅଧା ନହିଁ ପୁରା ଦେଇଦେବି । ମୋତେ ମୋ ଛଳନା ପାଇଁ କ୍ଷମା କର । ତେବେ ଶୁଣ ! କପୋତ ହେଲା ଶାନ୍ତିର ଓ ବିଶ୍ୱାସର ପ୍ରତୀକ । ରାଜ୍ୟର ବାତାବରଣ ବର୍ତ୍ତମାନ ଅତି ସୁନ୍ଦର । ରାଜାଙ୍କୁ କୁହ ସେ ନିରାପଦରେ ରାଜ୍ୟଯାକ ବୁଲି ପ୍ରଜା ମାନଙ୍କର ସମସ୍ୟା ବୁଝିବେ ଏବଂ ଯଥା ସାଧ ପ୍ରତିକାର କରିବେ । ପରଦିନ ସକାଳୁ ରାମୁ ରାଜାଙ୍କୁ ତାଙ୍କ ଶେଷ ପ୍ରଶ୍ନର ରହସ୍ୟ କହିଥିଲା ଏବଂ ରାଜା ଅତ୍ୟନ୍ତ ପ୍ରୀତ ହୋଇ ତାକୁ ଏକ ସହସ୍ର ସ୍ୱର୍ଣ୍ଣ ମୁଦ୍ରା ପୁରସ୍କାର ଦେଲେ । ରାମୁ କାଳ ବିଳମ୍ବ ନକରି ନିଜ ଘୋଡା ଛୁଟାଇ ସିଧା ଗଛରେ ଥିବା ପକ୍ଷୀଟି ପାଖରେ ପହଂଚିଥିଲା । ରାମୁକୁ ଦେଖି ପକ୍ଷୀଟି ତଳ ଡାଳକୁ ଡେଇଁ ଆସିଲା । ରାମୁ କହିଥିଲା ଆଜି ମୋତେ ସହସ୍ର ସ୍ୱର୍ଣ୍ଣ ଉପହାରରେ ମିଳିଛି, ଆପଣ ଏ ସମସ୍ତ ର ଅଧିକାରୀ । ପକ୍ଷୀଟି କହିଲା ତୁମେ କ'ଣ ପାଗଳ ? ଭୁଁ ବନର ପକ୍ଷୀ, ଗଛରେ ବସାକରି ରହେ -ବଣର ଫଳ ଖାଇ ଜୀବନ ଧାରଣ କରେ । ଏ ସ୍ୱର୍ଣ୍ଣମୁଦ୍ରା ନେଇ ମୁଁ କ'ଣ କରିବି ? ଯାଅ ମିଳିଥିବା ଏ ବି□କୁ ଲୋକଙ୍କ ହିତରେ ଲଗାଅ ଓ ଭଗବାନଙ୍କ ଆଶୀଷ ଭିକ୍ଷା କର । ହଁ ନିଶ୍ଚୟ କରିବି ତେବେ ମୋତେ କୁହ ମୋର ପୂର୍ବ ଆଚରଣ ପାଇଁ ମୋତେ କ୍ଷମା କରିଛତ ? ପକ୍ଷୀ ଅତି ମଧୁର ବାକ୍ୟରେ କହିଲା ତୁମେ ଯାହାକୁ ତୁମର ଆଚରଣ ବୋଲି କହୁଛ, ତାହା ବାସ୍ତବିକ ତମର ନୁହେଁ । ପ୍ରଥମ ଥର ତୁମେ ବାଟ ଭାଙ୍ଗି ଚାଲିଗଲ । ମୋ ସହ ପ୍ରତାରଣା କଲ । କାରଣ ସେତେବେଳେ ରାଜ୍ୟର ବାତାବରଣରେ ପ୍ରତାରଣା ରାଜୁତି କରୁଥିଲା । ଦ୍ୱିତୀୟ ଥର ତୁମେ ମୋତେ ମାରିବାକୁ ପ୍ରୟାସ କରିଥିଲ । କାରଣ ସେତେବେଳେ ରାଜ୍ୟର ବାତାବରଣରେ ହିଂସାର ବିଭୀଷିକା ବିରାଜୁଥିଲା । ମାତ୍ର ଏଥର ତୁମେ ମୋ ପ୍ରତି ବିଶ୍ୱସ୍ତ ଆଚରଣ କଲ କାରଣ ବର୍ତମାନ ରାଜ୍ୟର ବାତାବରଣରେ ଶାନ୍ତି ଓ ବିଶ୍ୱାସ ଭରି ରହିଛି । ଜାଣିରଖ ତୁମ ଭଳି ଅଧିକାଂଶ ଲୋକ ଅଜାଣତରେ ବାତାବରଣରେ ଥିବା ଭାବତରଙ୍ଗ ଅନୁସାରେ ଆଚରଣ କରନ୍ତି । ତେବେ ଉପସ୍ଥାପିତ ଏ ଗପଟି କାଳ୍ପନିକ ହେଉ, କିନ୍ତୁ ଆଜିର ସମାଜ ଯେ ଛଳନା, ପ୍ରତାରଣା, ଅନ୍ୟାୟର ବାତାବରଣରେ କଳୁଷିତ ଏଥିରେ ସନ୍ଦେହ ନାହିଁ । କେବେ ଆମ ଶାସନ କର୍ତାଙ୍କ ପାଖରେ ଶାନ୍ତିର କପୋତ ବସିବ ଆଉ ସମସ୍ତ ବାତାବରଣରେ ଶାନ୍ତି ବିରାଜମାନ କରିବ ତାକୁ ଅପେକ୍ଷା କରିବାକୁ ପଡିବ !

ସମ୍ପାଦକ, ମାର୍ଗଦର୍ଶୀ, ଖୋରଧା
(୬୩୭୦୬ ୭୫୫୬୨)

# ରଥଯଜ୍ଞର ଶାନ୍ତି ଉଦକ : ଅଧରପଣା

ବିପିନ ବିହାରୀ ମହାନ୍ତି

ଶ୍ରୀଜଗନ୍ନାଥ ସଂସ୍କୃତିରେ ପ୍ରତିଟି କଥାର ବିଶେଷତ୍ୱ ଅଛି । ଏହି କାରଣରୁ ଶ୍ରୀଜୀଉମାନଙ୍କ ଠାରେ ଲାଗି ହେଉଥିବା ପଣାଭୋଗ ଗୁରୁତ୍ୱପୂର୍ଣ୍ଣ ଅଟେ । ଶ୍ରୀମନ୍ଦିରରେ ବୈଶାଖମାସରୁ ଆରମ୍ଭ କରି ଆଷାଢ଼ ପୂର୍ଣ୍ଣିମା ଯାଏ ଶ୍ରୀଜୀଉମାନଙ୍କୁ ପଣାଭୋଗ ଲାଗି କରାଯାଏ । ଚନ୍ଦନଯାତ୍ରା ସମୟରେ ଆଲଟଲାଗି ପରେ ଜୀଉମାନେ ଶୀତଳ ପ୍ରପାନକ ମଣୋହି କରନ୍ତି । ଅଣସର ସମୟରେ ଯେଉଁ ପଣା ଜୀଉମାନଙ୍କୁ ଲାଗିହୁଏ ତାହା ଅତି ସୁସ୍ୱାଦୁ । ଆଷାଢ଼ ଶୁକ୍ଳ ଦଶମୀ ଦିନ ଜୀଉମାନଙ୍କର ଗୁଣ୍ଡିଚା ମନ୍ଦିରରୁ ଶ୍ରୀମନ୍ଦିରକୁ ବାହୁଡ଼ା ଯାତ୍ରା ପରେ ନୀଳାଦ୍ରିବିଜେ ପୂର୍ବରୁ ଶୁକ୍ଳ ଦ୍ୱାଦଶୀ ଦିନ ଯେଉଁ ପଣା ଜୀଉମାନଙ୍କୁ ସିଂହଦ୍ୱାରସ୍ଥିତ ରଥ ଉପରେ ଲାଗି କରାଯାଏ, ଏହାର ନାମ ଅଧରପଣା । ଶ୍ରୀମନ୍ଦିର ସ୍ୱତ୍ୱଲିପିରେ ଲିପିବଦ୍ଧ ଅଛି ଯେ, ଏକାଦଶୀ ଦିନ ମଧ୍ୟାହ୍ନ ଧୂପ ପରେ ଅଧରପଣା ଲାଗି ହୁଏ । ଏହା ଦଶମୀ ଦିନ ରଥମାନେ ସିଂହଦ୍ୱାରସ୍ଥ ହେଲେ ଲାଗିବା କଥା; କିନ୍ତୁ ସମୟାଭାବରେ ଏହା ଏକାଦଶୀ ଦିନ ଅନୁଷ୍ଠିତ ହେଉଛି । ଏବେକୁ ସେହି କାରଣରୁ ଆଷାଢ଼ ଶୁକ୍ଳ ଦ୍ୱାଦଶୀ ଅବସରରେ ନୀଳାଦ୍ରୀ ବିଜେ ପୂର୍ବରୁ ଅଧରପଣା ଭୋଗ କରାଯାଉଛି । ଏହି ଅଧରପଣା ହେଉଛି ରଥଯଜ୍ଞର ବା ରଥଯାତ୍ରା ଜନିତ କ୍ଲାନ୍ତିର ଅପନୋଦନ ନିମନ୍ତେ ଶାନ୍ତି ଉଦକ । ଏ ଅଧରପଣା ଜୀଉମାନଙ୍କ ପ୍ରସାଦ ପରେ ରଥାରୁଢ଼ ଅନୁଚର ଗଣ ପାଇଥାନ୍ତି । ରଥଯାତ୍ରା ସମୟରେ ରଥପ୍ରତିଷ୍ଠା ବେଳେ ରଥପିଢ଼ି ଠାରୁ ଆରମ୍ଭ କରି ଧ୍ୱଜ ଓ ନେତ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ବିଭିନ୍ନ ଦେବତା, ଋଷି, ଗନ୍ଧର୍ବ, ଯକ୍ଷ, ରକ୍ଷ, କିନ୍ନର, ଚଣ୍ଡି, ଚାମୁଣ୍ଡା, ଅଶରୀରୀ, ପିଶାଚ ଓ ଅନ୍ୟାନ୍ୟ ଯୋନିର ଦେବଦେବୀ ଗଣଙ୍କୁ ଆହ୍ୱାନ କରାଯାଇ ରଥରେ ସ୍ଥାନୀତ କରାଯାଇଥାଏ । ନବଦିନ ଯାତ୍ରାରେ ସେମାନେ ପ୍ରଭୁଙ୍କ ଅନୁଚର ଓ ରଥ ରକ୍ଷକ ଭାବେ ସେବା ଦେଇଥାନ୍ତି । ଯଜ୍ଞ ଶେଷରେ ଅଗ୍ନିକୁ ଶାନ୍ତି ପାଇଁ ଶୀତଳ ପ୍ରପାନକ ଅର୍ପଣ କଲାପରି ରଥଯଜ୍ଞରେ ସଂପୃକ୍ତ ସମସ୍ତଙ୍କୁ ଏ ଶାନ୍ତିର ଉଦକ ମିଳିବା ପରେ ରଥାଶ୍ରିତ ଦେବତା, ରକ୍ଷକ, ଗନ୍ଧର୍ବ, ପିଶାଚ ମାନେ ସ୍ୱ ସ୍ୱ ସ୍ଥାନ ଗମନ କରିଥାନ୍ତି ।

ଅଧରପଣା ହେଉଛି ବାହୁଡ଼ା ପରେ ସିଂହଦ୍ୱାରରେ ରଥାରୁଢ଼ ଅବସ୍ଥାରେ ଠାକୁରଙ୍କ ଅଧରକୁ ସ୍ପର୍ଶ କରୁଥିବା ପଣାଭୋଗ । ଜୀଉମାନଙ୍କୁ ପଣା ଅର୍ପଣ ପରେ ପଣା ତୁମ୍ବା ବା ହାଣ୍ଡିମାନଙ୍କୁ ଭାଙ୍ଗି ଦିଆଯାଏ । ବିଶ୍ୱାସ ଯେ, ଚକତଳେ ଥିବା ଅଥବା ଶ୍ରୀଜୀଉମାନଙ୍କ ଆଶ୍ରିତ ପ୍ରେତ ବା ପିଶାଚ ମାନେ ଏ ପଣା ପାଆନ୍ତୁ ଓ ତୃପ୍ତ ହୁଅନ୍ତୁ । ଏହାକୁ ଭକ୍ତ ଓ ସେବାୟତମାନଙ୍କୁ ସେବନ ପାଇଁ ବଂଟା ଯାଏ ନାହିଁ । କାରଣ ଏହା ଶାସ୍ତ୍ର ସମ୍ମତ ନୁହେଁ ।

ଏହି ପଣା ୯ଗୋଟି ଉପାଦାନରେ ପ୍ରସ୍ତୁତ ହୁଏ । ଏଗୁଡ଼ିକ ହେଲା ଛାଚି,କ୍ଷୀର,ସର, ଛେନା, ନବାତ, ପାଚିଲାକଦଳୀ, ଗୋଲମରିଚ ଗୁଣ୍ଡ, ବଟା ଜାଇଫଳ ଓ କର୍ପୁର । ଏମାନେ ସମସ୍ତେ ଏକତ୍ର ଜଳ ସହିତ ମିଶି ପଣା ପ୍ରସ୍ତୁତ ହୁଅନ୍ତି । ଏଥିପାଇଁ ଏକ ସ୍ୱତନ୍ତ୍ର ନୀତି ଅନୁସୃତ ହୁଏ । ଏହି ନୀତି ଅନୁଯାୟୀ ଆଷାଢ଼ ମାସ ଶୁକ୍ଳ ଦ୍ୱାଦଶୀଦିନ ମଧ୍ୟାହ୍ନ ଧୂପ ଶେଷ ହେଲା ପରେ ତିନୋଟି ରଥ ଉପରେ ଗୋଟିଏ ଲେଖାଏଁ ବଡ଼ ପିତଳ ହଣ୍ଡା ଆଣି ରଖାଯାଏ । ପାଣିଆପଟ ନିଯୋଗର ପାଳିଆ ସେବକମାନେ ସିଂହଦ୍ୱାର ନିକଟସ୍ଥ ଛାଉଣିମଠର କୂଅରୁ ଶୁଦ୍ଧ ଭାବରେ ବିଧି ପୂର୍ବକ ଜଳ ଆଣି ସେ ପିତଳ ହଣ୍ଡା ମାନଙ୍କରେ ରଖନ୍ତି । ପୂର୍ବେ ରାଧାବଲ୍ଲଭ ମଠରୁ ଏହି ଜଳ ଅଣାଯାଉଥିଲା । ଏହି ଜଳ କୂଅରୁ ଅଣାଗଲା ବେଳେ ମନ୍ଦିର କର୍ମଚାରୀମାନେ ହାତରେ ଗୁଆଖୋଳମାନ ଧରି ଲୋକଙ୍କୁ ବାଟରୁ ଆଡ଼ଉ ଥାଆନ୍ତି ଯେପରି କେହି ଉକ୍ତ ଜଳକୁ ସ୍ପର୍ଶ ନକରନ୍ତି ।

ଅଧରପଣା ପ୍ରସ୍ତୁତିରେ ତଳିଛ ମହାପାତ୍ର, ଭିତରଛ ମହାପାତ୍ର, ପାଳିଆ ମହାସୁଆର, ପାଣିପଟ, ପୁଷ୍ପାଳକ ଓ ପତ୍ରିବଡୁ ଆଦି ସେବାୟତ ସହଯୋଗ କରିଥାନ୍ତି । ପିତଳ ହଣ୍ଡାରେ ପାଣିରଖି ସାରିବା ଉତାରୁ ପାଳିଆ ମହାସୁଆର ମାନେ ଉକ୍ତ ହଣ୍ଡା ଜଳରେ କ୍ଷୀର, ସର, ପାଚିଲାକଦଳୀ, ଛେନା,ଗୋଲମରିଚଗୁଣ୍ଡ, କର୍ପୁର, ବଟା ଜାଇଫଳ ଓ ଛାଚି ଇତ୍ୟାଦି ମିଶାଇ ଅଧରପଣା ପ୍ରସ୍ତୁତ କରନ୍ତି । ଅଧରପଣା ଭୋଗ ପୂର୍ବରୁ ପାଳିଆ ମହାସୁଆରମାନେ ଥାଇ, ଭିତରଛ, ତଳିଛ ଓ ମଝିବାଡ଼ର ପାଳିଆ ପଶୁପାଳକମାନେ ଅଧରପଣା ଆଗରେ ଖଣ୍ଡେ ଖଣ୍ଡେ ନୂଆ ଗାମୁଛା ବାଡ଼ ଦେଇ ଟେରା ବାନ୍ଧିଥାନ୍ତି । ମହାପ୍ରଭୁଙ୍କ ଶ୍ରୀଅଧରକୁ ପାଇବା ଭଳି ଉଚ୍ଚ ଥିବା ତୁମ୍ବାକୃତି ତିନୋଟି ମାଟିହାଣ୍ଡି ଉପରେ ଅଧରପଣା ଛାଣିବା ପାଇଁ ଖଣ୍ଡେ ଖଣ୍ଡେ ଧଳା କରିକା (ଜାଲିକନା) ପକାଇଥାନ୍ତି । ତୁମ୍ବାକୃତି ଏ ମାଟିର ହାଣ୍ଡିଗୁଡ଼ିକ କୁମ୍ଭାରପଡ଼ା ଓ ମାଟିଆପଡ଼ାର କୁମ୍ଭାରମାନେ କୁରାଳ ପଂଚମୀ ଦିନ ତାଙ୍କ ଇଷ୍ଟଦେବତାଙ୍କ ପୂଜା ପରେ ପ୍ରଥମେ ଅନୁକୂଳ ଭାବେ ଏଗୁଡ଼ିକ ଗଢ଼ିଥାନ୍ତି ଓ ଶ୍ରୀମନ୍ଦିର ଭଣ୍ଡାରଘରେ ହସ୍ତାନ୍ତର କରିଥାନ୍ତି । ଆଷାଢ଼ ଶୁକ୍ଳ ଦଶମୀ ଦିନ ପାଣିପଟ ସେବକମାନେ ଏଗୁଡ଼ିକ କାଢ଼ି ଧୁଆଧୋଇ କରି ରଥକୁ ଆଣିଥାନ୍ତି ଏବଂ ସେଗୁଡିକୁ ଯଥାସ୍ଥାନରେ ରଖନ୍ତି । ଏହାପରେ ପୂର୍ବପ୍ରସ୍ତୁତ ଅଧରପଣାକୁ ପତ୍ରିବଡୁ, ସୁଆରବଡୁ ଓ ଗରାବଡୁ ପାଳିଆ ସେବକ ୩ ରଥରେ ମୁରୁଜ ଉପରେ ପୂଜା ଠା କରନ୍ତି । ଏଥୁଅନ୍ତେ ପାଳିଆ ପୂଜାପଣ୍ଡା ପଂଚପୋଚାରରେ ପୂଜା କରିଥାନ୍ତି ଏବଂ ଅଧରପଣା ହାଣ୍ଡି ଗୁଡ଼ିକୁ ଜୀଉମାନଙ୍କୁ ସମର୍ପଣ କରିଥାନ୍ତି । ଏହା ଜୀଉମାନଙ୍କର ପ୍ରସାଦ ହେଲା ପରେ ଅଧରପଣା ହାଣ୍ଡିଗୁଡ଼ିକୁ ଭାଙ୍ଗିଦିଆଯାଏ । ଫଳରେ ପଣାସବୁ ରଥର ବିଭିନ୍ନ ଅଂଶ ଭେଦ ସହ ଭୂଗାମୀ ହୋଇଥାଏ । ଏତିକି ବେଳେ ରଥାଶ୍ରିତ ବା ରଥକୁ ଆହୂତ ସମସ୍ତ ଦେବ, ଦେବୀ, ଗନ୍ଧର୍ବ, କିନ୍ନର, ପିଶାଚ, ଚଣ୍ଡୀ, ଚାମୁଣ୍ଡା ଓ ଆଉ ଯିଏ ଯେମିତି ଥାନ୍ତି ଏହି ପଣା ପାଇ ତୃପ୍ତି ପାଇଥାନ୍ତି ଓ ସ୍ୱ ସ୍ୱ ସ୍ଥାନ ପ୍ରତ୍ୟାବର୍ତନ କରିଥାନ୍ତି ।

ଏଠାରେ ରଥାଶ୍ରିତ ବା ରଥକୁ ଆହୂତ ଯେଉଁ ଦେବଦେବୀ ଓ ଅନ୍ୟମାନେ ଥାଆନ୍ତି ସେମାନଙ୍କ ମଧ୍ୟରେ ଅଛନ୍ତି-

ବଳଭଦ୍ରଙ୍କ ରଥରେ ଥିବା ସଙ୍କର୍ଷଣ, ରାମକୃଷ୍ଣ, ଗୋପାଳ, ଅନନ୍ତ, ଜୟଦୁର୍ଗା, ଗଣେଶ, କାର୍ତିକେୟ, ସର୍ବମଙ୍ଗଳା, ହଳାୟୁଧ, ମୃତ୍ୟୁଞ୍ଜୟ, ନାଟାମ୍ବର, ମହେଶ୍ୱର, ଶେଷଦେବ, କ୍ଷେତ୍ରପାଳ, ଭୈରବ, ଅଷ୍ଟଶକ୍ତି, ତୁଙ୍ଗା, ତୁଙ୍ଗାଭଦ୍ରା, ପ୍ରଭା,ସୁପ୍ରଭା,ଭାତ୍ରୀ, ବିଧାତ୍ରୀ, ନନ୍ଦା, ସୁନନ୍ଦା ଆଦି ଦେବଦେବୀ, ଋଷିମାନଙ୍କ ମଧ୍ୟରେ ଥାନ୍ତି- ଅଙ୍ଗିରା, ପୋଲସ୍ତ୍ୟ, ପୁଲହ,କ୍ରତୁ, ଅଗସ୍ତି, ମୁଦ୍‌ଗଳ, ଆତ୍ରେୟ, କାଶ୍ୟପ ଇତ୍ୟାଦି ଅଷ୍ଟଋଷି; ଅଶ୍ୱ ମଧ୍ୟରେ ଥାନ୍ତି- ତୀବ୍ର, ଘୋର, ଦୀର୍ଘତମ ଓ ସ୍ୱର୍ଣ୍ଣନାଭ । ସାରଥୀ ଥାନ୍ତି-ମାତଲୀ ଏବଂ ଅଶ୍ୱର ରଜ୍ଜୁ ଆକାରରେ ଥାନ୍ତି ବାସୁକୀ । ଏହିପରି ବିଧିମତେ ଅନ୍ୟ ଦେବଦେବୀ ଯେ ରହିବା କଥା ରହିଥାନ୍ତି ।

ମା' ସୁଭଦ୍ରାଙ୍କ ରଥରେ ଥିବା ୯ ଜଣ ପାର୍ଶ୍ୱ ଦେବତା ହେଲେ: ବିମଳା,ଚାମୁଣ୍ଡା, ଭଦ୍ରକାଳୀ,ହରଚଣ୍ଡୀ, ମଙ୍ଗଳା, ବରାହୀ, କାତ୍ୟାୟନୀ, ଜୟଦୁର୍ଗା ଏବଂ କାଳୀ ଇତ୍ୟାଦି । ଏମାନେ ସମସ୍ତେ ଶକ୍ତିରୂପିଣୀ ଅଟନ୍ତି । ଋଷି ମଧ୍ୟରେ ଥାନ୍ତି : ଭୃଗୁ, ସୁପ୍ରଭ, ବ୍ରଜ,ଶୃଙ୍ଗୀ, ଧ୍ରୁବ ଓ ଉଲ୍ଲୁକ ଏବଂ ରଜ୍ଜୁ ରୂପରେ ଥାନ୍ତି : ନାଗସ୍ୱର୍ଣ୍ଣ ଭୂତ ଏହିପରି ସୁଭଦ୍ରାଙ୍କ ରଥରେ ଯୋଚା ଯାଇଥିବା ଅଶ୍ୱ ଏବଂ ଅନ୍ୟମାନେ ।

ସେହିପରି ଜଗନ୍ନାଥଙ୍କ ରଥରେ ବିରାଜମାନ କରିଥାନ୍ତି : ହନୁମାନ,ରାମ, ଲକ୍ଷ୍ମଣ, ନାରାୟଣ, କୃଷ୍ଣ, ଗୋବର୍ଦ୍ଧନ, ଚିନ୍ତାମଣି, ରାଘବ ଓ ନୃସିଂହ । ଋଷିମାନଙ୍କ ମଧ୍ୟରେ ଥାନ୍ତି : ନାରଦ, ବ୍ୟାସ, ଦେବକ, ଶୁକ, ପରାଶର, ବଶିଷ୍ଠ, ବିଶ୍ୱାମିତ୍ର ଓ ରୁଦ୍ର ଇତ୍ୟାଦି ୮ ଜଣ । ଶଙ୍ଖ ତଥା ରଥର ପଟ୍ଟଚିତ୍ରରେ ବିଦ୍ୟମାନ ଥାନ୍ତି : ଗନ୍ଧର୍ବ, ଗନ୍ଧର୍ବୀ, ନର୍ତ୍ତକୀ, ଅପ୍‌ସରା, ଦେବଦେବୀ, ନାନା ଶକ୍ତି, ଋଷି, କିନ୍ନର ଇତ୍ୟାଦିଙ୍କ ବ୍ୟତୀତ ହସ୍ତୀ, ବିଡ଼ାଳ, ହଂସ, ଶୁକପକ୍ଷୀ ଓ ଅନ୍ୟାନ୍ୟ ପଶୁପକ୍ଷୀ, ତଥା ଅଶ୍ୱମାନଙ୍କ ମଧ୍ୟରେ ଥାଆନ୍ତି- ପ୍ରଜ୍ଞା, ଅନୁଜ୍ଞା, ଘୋରା ଏବଂ ଅଘୋରା ଇତ୍ୟାଦି ଜୀଉଙ୍କ ସହିତ ଯାତ୍ରା କରିଥାନ୍ତି । ଏମାନେ ମଧ୍ୟ ମହାପ୍ରଭୁଙ୍କ ଅଧରାମୃତ ପାଇବାକୁ ବ୍ୟାକୁଳ ଥାନ୍ତି । ବର୍ଷେକେ ଏମିତି ଥରଟିଏ ସେମାନଙ୍କୁ ପ୍ରଭୁଙ୍କ ସାନିଧ୍ୟ ଓ ଅଧରପଣା ପାଇବାର ପରମ ସୁଯୋଗ ମିଳିଥାଏ ।

ଏ ଅଧରପଣା ସହିତ କିଛି ପୌରାଣିକ ତଥ୍ୟ ଓ କାହାଣୀ ସଂପର୍କିତ । ସାରଦା ତିଳକ ଗ୍ରନ୍ଥ ଅନୁଯାୟୀ ତାନ୍ତ୍ରିକ ବ୍ରତଚାରୀମାନେ ଦିନକୁ ଥରେ ମାତ୍ର ଭୋଜନ କରନ୍ତି । ସେ ଭୋଜନ ପୁଣି ନୂଆ ମାଟି ହାଣ୍ଡିରେ ପ୍ରସ୍ତୁତ ହୁଏ । ଭୋଜନ ପରେ ହାଣ୍ଡିରେ ଯାହା ବଳେ ସେମାନେ ସେ ହାଣ୍ଡି ଭାଙ୍ଗି ତାହାକୁ ଫିଙ୍ଗି ଦିଅନ୍ତି । ତାହା ପରଦିନ ପୁଣି ସେ ନୂଆ ହାଣ୍ଡିରେ ରନ୍ଧାଯାଏ । କଂଚାମାଟି ଦିଆଯାଇ ତା' ଉପରେ ପୋଡ଼ାମାଟିର ଅଧର ହାଣ୍ଡି ରଖିବା ଏବଂ ସେଥିରେ ବ୍ରହ୍ମଚାରୀମାନେ ପଣା ପ୍ରସ୍ତୁତ କରିବା ଇତ୍ୟାଦି ଶାକ୍ତ ବା ତାନ୍ତ୍ରିକ ପରମ୍ପରାକୁ ବୁଝାଏ ।

ସେହିପରି ଶ୍ରୀକୃଷ୍ଣଙ୍କ ଦଧି ହାଣ୍ଡିଭଙ୍ଗା ସହିତ ଏହା ମଧ୍ୟ ତୁଳନୀୟ । ଆମେ ଏବେ ମଧ୍ୟ ଗର୍ଭଣା ସଂକ୍ରାନ୍ତି ଦିନ କ୍ଷେତରେ ନୂଆ ଆଟିକାରେ କ୍ଷୀରି କରି ଲକ୍ଷ୍ମୀଙ୍କୁ ସମର୍ପଣ ପରେ ସେ ତାହା ଭାଙ୍ଗିଥାଉଁ । ଏ ସମସ୍ତ ଅବଶିଷ୍ଟ ଖାଦ୍ୟ ଅନ୍ୟମାନଙ୍କ ପାଇଁ ଉଦ୍ଦିଷ୍ଟ । ଅଧରପଣା ହାଣ୍ଡି ଭଙ୍ଗାର କାହାଣୀରେ ସେହିପରି ଉପେକ୍ଷିତ ଅଧରପଣା ହେଉଛି ଅପେକ୍ଷିତ ତୃଷ୍ଣା ପାଇଁ ତୃପ୍ତିର ମୋଦକ । ଏଥିରୁ ଜଣାପଡ଼େ ଯେ ଅଧରପଣା ପ୍ରସ୍ତୁତି ଓ ତାର ଭୋଗ ଉଭୟେ ଶାକ୍ତ ଓ ବୈଷ୍ଣବ ପରମ୍ପରା ସହିତ ସଂପୃକ୍ତ । ତେବେ ଏତିକି କୁହାଯାଇପାରେ ଯେ, ଅଧରପଣା ପର୍ବ ନସରିଲାଯାଏ ଜୀଉମାନଙ୍କ ନୀଳାଦ୍ରି ବିଜେ ହୋଇପାରିନଥାଏ ।

ଅଧ୍ୟକ୍ଷ
ଓଡ଼ିଶା ଭାଷା ସଂରକ୍ଷଣ ଏବଂ
ଗବେଷଣା ପ୍ରତିଷ୍ଠାନ,
ବିପିନ ବିହାରୀ ପାଠାଗାର,ଜଟଣୀ
ଦୂରଭାଷ : ୯୯୩୮୩୪୧୩୮

୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ
ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ
# ଖେଳ ପର୍ଯ୍ୟବେକ୍ଷକ
Bhubaneswar Tuesday August 05 ଭୁବନେଶ୍ୱର ମଙ୍ଗଳବାର, ୦୫, ୨୦୨୫ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com


## ଜାତୀୟ ଅଂଗଦାନ ଦିବସରେ ଦମ୍ପତିଙ୍କ ମୃତ ଶରୀର ଦାନ ପାଇଁ ଶପଥ



ବଲାଙ୍ଗୀର,(ପି.ଏନ): ଆଜି ପନ୍ଦର ତମ ଜାତୀୟ ଅଙ୍ଗଦାନ ଦିବସରେ ସ୍ଥାନୀୟ ସନ୍ଥ ଭୀମ ଭୋଇ ଭେଷଜ ମହା ବିଦ୍ୟାଳୟରେ ସୁବର୍ଣ୍ଣପୁର ଜିଲ୍ଲା ଲଛିପୁର ଗ୍ରାମର ଏକ ଦମ୍ପତି ଶ୍ରୀ ପବିତ୍ର ନାରାୟଣ ନେପାକ ଓ ତାଙ୍କ ସ୍ତ୍ରୀ ଶ୍ରୀମତି ଶୋଭନା ମହାପାତ୍ର ସ୍ୱେଚ୍ଛାକୃତ ଭାବେ ନିଜର ମୃତ୍ୟୁ ପରେ ନିଜ, ନିଜର ମର ଶରୀରକୁ ଭେଷଜ ମହାବିଦ୍ୟାଳୟ କୁ ଦାନ କରିବା ପାଇଁ ସମସ୍ତ ଆବଶ୍ୟକୀୟ କାଗଜ ପତ୍ର ଓ ପରିବାର ବର୍ଗଙ୍କ ସହମତି ପତ୍ର ସହ ପ୍ରଦାନ କରିଛନ୍ତି। ଶରୀର ବିଜ୍ଞାନ ବିଭାଗର ମୁଖ୍ୟ ପ୍ରଫେସର ଡ଼କ୍ଟର ସନ୍ତୋଷ କୁମାର ସାହୁଙ୍କ କାର୍ଯ୍ୟାଳୟରେ ତାଙ୍କ ଉପସ୍ଥିତ ରେ ପ୍ରତିଜ୍ଞ୍ୟା ପତ୍ର ପ୍ରଦାନ କରି ତାଙ୍କର ମର ଶରୀର ଶୈକ୍ଷିକଶୈକ୍ଷିକ ଏବଂ ଗବେଷଣାତ୍ମକ କାର୍ଯ୍ୟ ରେ ବ୍ୟବହୃତ ହେବ ବୋଲି କହିଛନ୍ତି। ଶୈକ୍ଷିକ ଏବଂ ଗବେଷଣା ପାଇଁ ମର ଶରୀର ର ଘୋର ଅଭାବ ଦେଖାଯାଉ ଥିବାରୁ, ଏ ନେଇ ଜନ ସଚେତନତା ର ଆବଶ୍ୟକତା ରହିଛି ବୋଲି ଶ୍ରୀ ପବିତ୍ର ନାରାୟଣ ନେପାକ ପ୍ରକାଶ କରିଥିଲେ। ସ୍ୱେଚ୍ଛାକୃତ ଶରୀର ଦାନ ପାଇଁ ସେ ନିଜ ବଡଭାଇ ଶ୍ରୀ ଶୁଭେନ୍ଦ୍ର ନେପାକ ଓ ଢେଙ୍କାନାଳର ମଉସା ସ୍ୱର୍ଗତ ଅଜୟ କୁମାର ନାଥଙ୍କ ଆଦର୍ଶରେ ଅନୁପ୍ରାଣିତ ହେଲେ ବୋଲି ପ୍ରକାଶ କରିଛନ୍ତି। ଏହି ଅବସରରେ ସ୍ୱର୍ଗତ ଅଜୟ କୁମାର ନାଥଙ୍କ ଅମର ଆତ୍ମାଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରା ଯାଇଥିଲା।

## ଗୋଲାମୁଣ୍ଡା ସିନାମାଳ ନିକଟରେ ବୋଲେରୋ ଓ ବାଇକ ମୁହାଁ ମୁହିଁ ଧକ୍କା,ତିନି ଗୁରୁତର



ଗୋଲାମୁଣ୍ଡା,(ପି ଏନ): ଗୋଲାମୁଣ୍ଡା ବ୍ଲକ ସିନାମାଳ ବିଜୁ ଏକ୍ସପ୍ରେସ ଓ୍ୱେ ନିକଟରେ ବାଇକ ଓ ବୋଲେରୋ ମଧ୍ୟରେ ଧକ୍କା ହେବା ଫଳରେ ତିନି ଜଣ ଗୁରୁତର ହୋଇଥିଲେ। ପ୍ରାପ୍ତ ସୂଚ୍ନାରୁ ପ୍ରକାଶ ଯେ ସିନାପାଲି ପଟୁ ଧର୍ମଗଡ଼ ଅଭିମୁଖେ ଯାଉଥିବା OD୦୮C ୮୭୩୧ ଏକ ବୋଲେରୋ ସହ OD ୦୮D ୫୧୨୪ ନମ୍ବର ବିଶିଷ୍ଟ ବାଇକ ମଧ୍ୟରେ ମୁହାଁ ମୁହିଁ ଧକ୍କା ହେବା ଫଳରେ ବାଇକରେ ବସିଥିବା ତିନିଜଣ ଗୁରୁତର ଆହତ ହୋଇଛନ୍ତି । ଗୁରୁତର ମାନେ ହେଲେ ଢେକନାପଡ଼ା ର ଜନନୀ ମାଝୀ, ନିରୁପମା ମାଝୀ ଓ ଅଶ୍ୱିନ ମାଝୀ ବୋଲି ଜଣା ପଡିଛି। ଘଟଣା ସମ୍ପର୍କ ରେ ଗୋଲାମୁଣ୍ଡା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ନୀଳାମ୍ବର ବିଶିଯୋଗା ଯୋଗ କରି ଥିବାରୁ ସମାଜ ସେବୀ ଶ୍ୟାମ ସୁନ୍ଦର ଅଗ୍ରୱାଲ ଅଗ୍ନିଶମ ବିଭାଗ କର୍ମଚ୍ଚାରୀଙ୍କ ସହିତ ଗୁରୁତରମାନଙ୍କୁ ଉଦ୍ଧାର କରି ଗୋଲାମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା ଏବଂ ଅବସ୍ଥା ସଙ୍କଟାପନ୍ନ ହେବା ଫଳରେ ଧର୍ମଗଡ଼ ଉପଖଣ୍ଡ ଚ୍ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି । ଘଟଣା ସ୍ଥଳରେ ଗୋଲାମୁଣ୍ଡା ପୋଲିସ ପହଞ୍ଚି ଗାଡି ଗୁଡିକୁ ଜବତ କରିବା ସହିତ ଅଧିକ ତଦନ୍ତ ଜାରି ରଖିଛି ।

## ବିକଶିତ ଗାଁ ଓ ବିକଶିତ ଓଡିଶା' ଯୋଜନାରେ ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କଲେ ଶିଳ୍ପମନ୍ତ୍ରୀ ସମ୍ପଦ



ପାରାଦୀପ,(ପି.ଏନ): 'ବିକଶିତ ଗାଁ' ବିକଶିତ ଓଡିଶା' ଯୋଜନା ମାଧ୍ୟମରେ ପାରାଦ୍ୱୀପ ନିର୍ବାଚ୍ନ ମଣ୍ଡଳୀ ଅନ୍ତର୍ଗତ କୁଜଙ୍ଗ ବ୍ଲକ୍ ବାଲିଆ ଗ୍ରାମ ପଞ୍ଚାୟତରେ ନୂତନ କଂକ୍ରିଟ୍ ସଡ଼କ, ବାଲିଆ ଜଗନ୍ନାଥ ପୋଖରୀ ନିକଟରେ ଗାଧୁଆ ତୁଠ ଓ କପଡ଼ା ବଦଳାଇବା ଘର, ବଡ଼ବନ୍ଧ ମା' ବଜ୍ରବୁଢୀ ଠାକୁରାଣୀ ମନ୍ଦିରରେ ନୂତନ ଭୋଗ ମଣ୍ଡପ, ବଡ଼ଙ୍ଗ ମା' ରାମଚ୍ଣ୍ଡି ମନ୍ଦିର ନିକଟରେ ନୂତନ ଭାଗବତ ଟୁଙ୍ଗି ଏବଂ ବିଧାୟକ ହାତ ଖର୍ଚ୍ଚ ପାଣ୍ଠିରେ 'ବାଲ୍ମୀକି କୁଟୀର' ଗୋଷ୍ଠୀ କେନ୍ଦ୍ର ନିର୍ମାଣ ପାଇଁ ସୋମବାର ଦିନ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ପାରାଦୀପ ବିଧାୟକ ତଥା ରାଜ୍ୟ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚ୍ନ୍ଦ୍ର ସ୍ୱାଇଁ । ଏହି ପ୍ରକଳ୍ପଗୁଡିକ କାର୍ଯ୍ୟକାରୀ ହେଲେ ସ୍ଥାନୀୟ ଜନସାଧାରଣଙ୍କ ବିଭିନ୍ନ ଆବଶ୍ୟକତା ପୂରଣ ହେବା ସହ ମନ୍ଦିରକୁ ଆସୁଥିବା ଶ୍ରଦ୍ଧାଳୁ ମାନେ ଉପକୃତ ହୋଇପାରିବେ ଏବଂ ଗାଁ' ତଥା ପଞ୍ଚାୟତର ବିକାଶ ହୋଇପାରିବ । ଗ୍ରାମୀଣ ଭିତ୍ତିଭୂମିର ବିକାଶ ତ୍ୱରାନ୍ୱିତ ହେଲେ, ଏହା ସମୃଦ୍ଧ ତଥା ବିକଶିତ ଓଡିଶା ଗଠନର ଲକ୍ଷ୍ୟ ହାସଲ ଦିଗରେ ନିଶ୍ଚୟ ସହାୟକ ହେବ ବୋଲି କହିଛନ୍ତି ଶିଳ୍ପ ମନ୍ତ୍ରୀ ଶ୍ରୀ ସ୍ୱାଇଁ ।

## ଭାରତର ୧୦୦ଟି ସହରରେ 'ଷ୍ଟିଲେଜ ମହୋତ୍ସବ' କ୍ୟାମ୍ପେନର ଶୁଭାରମ୍ଭ




ଭୁବନେଶ୍ୱର,(ପି.ଏନ): ଗ୍ଲୋବାଲ ଲିଡର ଗୁନେବୋ ୯୦ ବର୍ଷରୁ ଅଧିକ ସମୟ ହେବ ଷ୍ଟିଲେଜ ଓ ଚୁବସେଫ୍ସ ଭଳି ପ୍ରତିଷ୍ଠିତ ବ୍ରାଣ୍ଡଗୁଡିକ ମାଧ୍ୟମରେ ଭାରତୀୟ ଗ୍ରାହକଙ୍କୁ ସେବା ଯୋଗାଇ ଆସୁଛି। ଅଗଷ୍ଟ ୧ ତାରିଖରୁ ୧୪ ତାରିଖ ୨୦୨୫ ପର୍ଯ୍ୟ' ଏହି ସଂସ୍ଥା ବିଆଇଏସ୍ ମାନଦଣ୍ଡ ସମେତ ବିଆଇଏସ ସାର୍ଟିଫାଏଡ ସେଫ୍, ଷ୍ଟ୍ରଙ୍ଗରୁମ ଡୋର ଓ ଭଲ୍ଟଗୁଡିକ ସମ୍ପର୍କରେ ଅଳଙ୍କାର ବ୍ୟବସାୟୀଙ୍କ ମଧ୍ୟରେ ସଚେତନତା ବୃଦ୍ଧି କରିବାର ଲକ୍ଷ୍ୟ ସହିତ ଏହାର ଫ୍ଲାଗସିପ କ୍ୟାମ୍ପେନ 'ଷ୍ଟିଲେଜ ମହୋତ୍ସବ'ର ଶୁଭାରମ୍ଭ କରିଛି। ଦେଶବ୍ୟାପୀ ପରିଚାଳିତ 'ଷ୍ଟିଲେଜ ମହୋତ୍ସବ' କ୍ୟାମ୍ପେନର ଅଂଶ ଭାବେ ଏହି କାର୍ଯ୍ୟକ୍ରମ କଟକରେ ଗୁନେବୋର ଚ୍ୟାନେଲ ପାର୍ଟନରଙ୍କ ସମର୍ଥନରେ ଅଗଷ୍ଟ ୪ ତାରିଖରେ ଆୟୋଜିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଅଳଙ୍କାର ବ୍ୟବସାୟୀଙ୍କୁ ବ୍ୟବସାୟର ସୁରକ୍ଷା ବୃଦ୍ଧି କରିବା କ୍ଷେତ୍ରରେ ପ୍ରମାଣିତ ଉତ୍ପାଦର ଭୂମିକାକୁ ଭଲ ଭାବରେ ବୁଝିବାରେ ସାହାଯ୍ୟ କରିବା ପାଇଁ ଲାଇଭ୍ ପ୍ରଦର୍ଶନୀ, ବିଶେଷଜ୍ଞ-ଆଧାରିତ ଆଲୋଚନା ଓ ଦ୍ୱିପାକ୍ଷିକ ଅଧିବେଶନର ଆୟୋଜନ କରାଯାଇଛି। ଏହି କ୍ୟାମ୍ପେନ ସମ୍ପର୍କରେ ଗୁନେବୋ ସେଫ୍ ଷ୍ଟୋରେଜ, ଏସିଆର ମାର୍କେଟିଂ ଓ ପ୍ରଡକ୍ଟ ମ୍ୟାନେଜମେଂଟ ବିଭାଗର ମୁଖ୍ୟ ଅନିର୍ବାନ ମୁଖୁଟି କହିଛଂ, 'ଷ୍ଟିଲେଜ ମହୋତ୍ସବ ହେଉଛି ଭାରତର ଅଳଙ୍କାର ବ୍ୟବସାୟୀ ମାନଙ୍କୁ ସଂଯୋଜିତ କରିବା ପାଇଁ ଏକ ସର୍ବଭାରତୀୟ ସ୍ତରର ଅଭିଯାନ। ଏହା ବିଆଇଏସ ସାର୍ଟିଫାଏଡ ସିକ୍ୟୁରିଟି ସଲ୍ୟୁଶନଗୁଡିକ ପାଇଁ ସଚେତନତା ସୃଷ୍ଟି କରୁଛି। ଏହି ସ୍ତରର ଏକ ଅନ୍-ଗ୍ରାଉଣ୍ଡ କ୍ୟାମ୍ପେନ ଫିଜିକାଲ ସିକ୍ୟୁରିଟି ସଲ୍ୟୁଶନ୍ସ ଇଣ୍ଡଷ୍ଟ୍ରୀରେ ପ୍ରଥମ ଧରଣର ଅଟେ। ଆମେ ଆମର ସମସ୍ତ ଚ୍ୟାନେଲ ପାର୍ଟନରଙ୍କ ସକ୍ରିୟ ସହଯୋଗ ସହିତ ଏହା ହାସଲ କରୁଛୁ ଏବଂ ଭାରତର ପ୍ରତ୍ୟେକ ପ୍ରମୁଖ ସହରରେ ଅଳଙ୍କାର ବ୍ୟବସାୟୀଙ୍କ ନିକଟରେ ପହଂଚିବାକୁ ଲକ୍ଷ୍ୟ ରଖିଛୁ।' 'ଷ୍ଟିଲେଜ ମହୋତ୍ସବ'ର ଲକ୍ଷ୍ୟ ହେଉଛି ଅଳଙ୍କାର ବ୍ୟବସାୟୀଙ୍କୁ ବିଆଇଏସ-ପ୍ରମାଣିତ ସିକ୍ୟୁରିଟି ପ୍ରଡକ୍ଟଗୁଡିକର ବ୍ୟବହାରର ମହତ୍ୱ ଉପରେ ସଚେତନ କରିବା ଏବଂ ସେମାନଙ୍କୁ ନିଜର ଜୁଏଲରୀ ଆଉଟଲେଟଗୁଡିକ ପାଇଁ ସଠିକ ସେଫ୍, ଭଲ୍ଟ ଓ ହାଇ-ସିକ୍ୟୁରିଟି ଲକ୍ ଚୟନ କରିବାରେ ସାହାଯ୍ୟ କରିବାଆଗାମୀ ଦିଗରେ 'ଷ୍ଟିଲେଜ ମହୋତ୍ସବ' ଭାରତର ସମସ୍ତ ଅଂଚଳରେ ପ୍ରମୁଖ ସହରଗୁଡିକୁ କଭର କରିବ ଯାହା ଦେଶବ୍ୟାପୀ ବ୍ୟବସାୟୀ ସମୁଦାୟ ପାଇଁ ବିଆଇଏସ-ପ୍ରମାଣିତ ସୁରକ୍ଷା ସମାଧାନଗୁଡିକର ନିକଟତର କରୁଛି।

## ସ୍ୱାଭିମାନ ଫାଉଣ୍ଡେସନ ପକ୍ଷରୁ ସ୍ୱାଭିମାନ ସମ୍ମାନ ୨୦୨୫ ପ୍ରଦାନ




ବାଲିଅନ୍ତା,(ପି.ଏନ): ବାଲିଅନ୍ତା ବ୍ଲକ ଅନ୍ତର୍ଗତ ବାଳକାଟି ସ୍ଥିତ ନିର୍ମାଣ ଏଜୁକେସାନ ଟ୍ରଷ୍ଟ ଅଡିଟରିୟମରେ ପରିବେଶ ଭିତ୍ତିକ ସାମାଜିକ ଅନୁଷ୍ଠାନ ସ୍ୱାଭିମାନ ଫାଉଣ୍ଡେସନ୍ ର ମୁଖ୍ୟ ପ୍ରଦୀପ୍ତ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ସ୍ୱାଭିମାନ ସମ୍ମାନ ୨୦୨୫' ଓ ମା ପାଇଁ ଗଛଟିଏ କାର୍ଯକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ବିଧୁଭୂଷଣ ପଟ୍ଟନାୟକ ଯୋଗ ଦେଇ ସାଂପ୍ରତିକ ପରିସ୍ଥିତିରେ ଛାତ୍ର ଛାତ୍ରୀ ମାନେ ଆଗାମୀ ଭବିଷ୍ୟତ ନିଶାମୁକ୍ତ ଓ ସୁସ୍ଥ ସମାଜ ପାଇଁ କାର୍ଯ୍ୟ କରିବା ନେଇ ପରାମର୍ଶ ଦେଇଥିଲେ । ସମ୍ମାନୀତ ଅତିଥି ଭାବେ ପରିବେଶବିତ୍ ଦୀନବନ୍ଧୁ ଭୋଇ ତାଙ୍କ ଅଭିଭାଷଣରେ ସମାଜରେ ସମାନତା, ରାଜନୈତିକ, ସାମାଜିକ ଓ ଅର୍ଥନୈତିକ କ୍ଷେତ୍ରରେ ସମାନତା ସୃଷ୍ଟି ହେଲେ ରାଜ୍ୟ ଓ ଦେଶର ବିକାଶ ଘଟିବ । ଯୁବସମାଜ ସେବୀ ରଞ୍ଜନ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ରହିଥିଲେ । କାର୍ଯ୍ୟକ୍ରମରେ ଗୋ ସେବା ପାଇଁ କାର୍ଯ୍ୟରତ ଯୁବସମାଜସେବୀ ଦୀପକ ସ୍ୱାଇଁଙ୍କୁ ସ୍ୱାଭିମାନ ସମ୍ମାନ - ୨୦୨୫ ପ୍ରଦାନ କରାଯାଇଥିଲା । ଶେଷରେ ଯୁବ ସମାଜସେବୀ ଗୋପାଳ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

## ଜିଲ୍ଲା ସ୍ତରୀୟ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର

କେନ୍ଦ୍ରାପଡ଼ା,(ପି.ଏନ): କେନ୍ଦ୍ରାପଡା ଜିଲ୍ଲା ସଦର ମହକୁମାରେ ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ପୌରସଂସ୍ଥା ଟାଉନ ହଲରେ ଅନୁଷ୍ଠିତ ମିଳିତ ଜନଶୁଣାଣି ଶିବିରରେ ମୋଟ ୧୭୫ ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ୧୫୫ଟି ବ୍ୟକ୍ତିଗତ ଅଭିଯୋଗ ଥିବାବେଳେ ୨୦ଟି ସାମୂହିକ ଅଭିଯୋଗ ପଞ୍ଜିକୃତ ହୋଇଥିଲା। ରେଡ଼କ୍ରସ ପାଣ୍ଠିରୁ ଜଣଙ୍କୁ ୩ ହଜାର ଏବଂ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୧୪ ଜଣଙ୍କୁ ୭୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଅଭିଯୋଗ ଶୁଣାଣି କରିଥିବା ଦରଖାସ୍ତ ଗୁଡିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବାକୁ ବିଭାଗୀୟ ଅଧିକାରୀ ମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଜିଲ୍ଲାପାଳ ରଘୁରାମ ଆର ଆୟାର, ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ,ନିର୍ବାହୀ ଅଧିକାରୀ ପୌରପରିଷଦ ଅଜିତ ନାରାୟଣ ଗିରିଙ୍କ ସମେତ ଜିଲ୍ଲା ସ୍ତରୀୟ ଅଧିକାରୀ ଓ ଲାଇନ ଡିପାର୍ଟମେ ର ଯନ୍ତ୍ରୀମାନେ ଉପସ୍ଥିତ ଥିଲେ। ସୂଚନା ଯୋଗ୍ୟ ଯେ ଆସନ୍ତା ୧୧ ତାରିଖରେ ପଟ୍ଟାମୁଣ୍ଡାଇ ବ୍ଲକ କାର୍ଯ୍ୟାଳୟ, ୧୮ ତାରିଖରେ ରାଜକନିକା ବ୍ଲକ କାର୍ଯ୍ୟାଳୟ, ଏବଂ ୨୫ ତାରିଖରେ ମାର୍ଶାଘାଇ ବ୍ଲକ କାର୍ଯ୍ୟାଳୟରେ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହେବ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray